## ସଂକ୍ଷେପରେ

### ପୋଲିସକୁ ଖାତିର ନାହିଁ ଏନ୍‌ଡି ହାଇସ୍କୁଲରୁ ଲୁଟ୍ ଉଦ୍ୟମ

**ପୁରୁଷୋତ୍ତମପୁର,୪।୯(ଡି.ଏନ.ଏ.):** ପୁରୁଷୋତ୍ତମପୁର ଅଞ୍ଚଳରେ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପୋଲିସର ନିଷ୍କ୍ରିୟତା ଓ ଅପାରଗତାର ସୁଯୋଗ ନେଇ ଚୋରମାନେ ପ୍ରତ୍ୟହ କେଉଁଠି ନା କେଉଁଠି ଚୋରି କରିବାରେ ଲାଗିଛନ୍ତି। ଶୁକ୍ରବାର ରାତିରେ ଥାନା ପରିସରକୁ ଲାଗି ରହିଥିବା ଏନ୍‌ଡି ହାଇସ୍କୁଲରେ ଚୋରମାନେ ପଶି ଅଫିସ ଲକରରେ ପଡିଥିବା ତାଲାକୁ ଭାଙ୍ଗିଛନ୍ତି। ମାତ୍ର ଲକରର ମୁଖ୍ୟ ଚାବିକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଛନ୍ତି। ସ୍କୁଲଟି ଥାନା ନିକଟରେ ଥିଲେ ମଧ କିଭଳି ଲୁଟ୍ ଉଦ୍ୟମ କରାଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ବାରମ୍ବାର ଚୋରି ହେଉଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। କିଛି ଦିନ ପୂର୍ବେ ଓକିଲ ସଂଘ କାର୍ଯ୍ୟାଳୟରେ ଚୋରମାନେ ପଶି ଭଙ୍ଗାରୁଜା କରିବା ସହ ତିନି ଜଣ ଓକିଲଙ୍କ ଘରେ ପଶି ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସର ଦୁର୍ବଳତା ଯୋଗୁ ଚୋରମାନେ ଖାତିର କରୁନାହାନ୍ତି। ତେବେ ଏଥିପ୍ରତି ବରିଷ୍ଠ ପୋଲିସ ଅଧିକାରୀମାନେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ପାଇଖାନାରୁ ଯୁବକଙ୍କ ମୃତଦେହ ଠାବ

**ଦାରିଙ୍ଗବାଡ଼ି,୪।୯(ଡି.ଏନ.ଏ)** କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଲୋହରା ସାହିରେ ଶନିବାର ଜଣେ ଯୁବକଙ୍କ ମୃତଦେହ ଏକ ପାଇଖାନା ଘରୁ ଠାବ କରାଯାଇଛି। ସେ ହେଲେ ଦଶପଲା ଅଞ୍ଚଳର ରବୀନ୍ଦ୍ରନାଥ ବେହେରାଙ୍କ ପୁଅ ରାକେଶ ବେହେରା(୩୦)। ଏ ନେଇ ପୋଲିସ (ନଂ. ୯/୨୧) ଏକ ଅପମୃତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ରାକେଶଙ୍କ ପରିବାର ପହଞ୍ଚିବା ପରେ ମୃତଦେହ ପାଇଖାନାରୁ ଜବତ କରାଯିବ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ପ୍ରକାଶ ଯେ, ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ରାକେଶ ଦାରିଙ୍ଗବାଡିରେ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଏଥିପାଇଁ ସେ ଲୋହରାସାହିରେ ଘରଭଡ଼ା ନେଇ ରହୁଥିଲେ। ଶନିବାର ସକାଳେ ରାକେଶ କବାଟ ଖୋଲିନଥିଲେ। ଏଭଳି ଅପରାହ୍ନ ହୋଇଗଲା ସିନା ରାକେଶ କବାଟ ଖୋଲିନଥିଲେ ଫଳରେ ସାହିବାସିନ୍ଦା ଏ ନେଇ ପୋଲିସ ଏବଂ ରାକେଶଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ସନ୍ଧ୍ୟାରେ ପୋଲିସ ପକ୍ଷରୁ ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲିକଙ୍କ ଉପସ୍ଥିତରେ କବାଟ ଭଙ୍ଗାଯାଇଥିଲା। ରାକେଶ ଉଲଗ୍ନ ଅବସ୍ଥାରେ ପାଇଖାନାରେ ପଡିଥିଲେ। ପାଇଖାନାର କବାଟ ମଧ ଭଙ୍ଗାଯାଇଥିଲା ଭିତରପଟୁ ବନ୍ଦ ଥିବା ପୋଲିସ କହିଛି । ଅତ୍ୟଧିକ ମଦ୍ୟପାନ ଯୋଗୁ ପାଇଖାନାରେ ପଡି ଶକ୍ତ ଆଘାତ ଲାଗିଥାଇପାରେ ବୋଲି ପୋଲିସ ଆଶଙ୍କା କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଜାତିଭିତ୍ତିକ ଜନଗଣନା କରିବାକୁ ଦାବି

**ଛତ୍ରପୁର,୪।୯(ଡି.ଏନ.ଏ.)**



ସ୍ମାରକପତ୍ର ଦେଇ ଫେରୁଛନ୍ତି।

ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ଜନଗଣନା ୨୦୨୧ରେ ଓବିସି ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଗଞ୍ଜାମ ଜିଲା ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋପାଳ ଜାତି ସମଗ୍ର ଭାରତରେ ବୃହତ୍ତମ ଜାତି। ଯାହା ସମଗ୍ର ଭାରତବର୍ଷରେ ବହୁ ସଂଖ୍ୟାରେ ରହିଛନ୍ତି। ଆଭ୍ୟନ୍ତରୀଣ ଗଣନା ଅନୁଯାୟୀ, ଯେଉଁମାନଙ୍କ ସଂଖ୍ୟା ପ୍ରାୟ ୨୨ କୋଟି ଏବଂ ମଣ୍ଡଳ ଆୟୋଗ ଅନୁଯାୟୀ ଓବିସି ସଂଖ୍ୟା ୫୨% ହେବ ବୋଲି ଆକଳନ କରାଯାଇଛି ବୋଲି ଦାବି ପତ୍ରରେ ଦର୍ଶାଇଛନ୍ତି। ଏହା ଉପରେ କୌଣସି ସରକାରୀ ପ୍ରମାଣଭିତ୍ତିକ ତଥ୍ୟାବଳୀ ସରକାରୀ ଦପ୍ତରରେ ଅନୁଷ୍ଠାନିକ ଭାବେ ଉପଲବ୍ଧ ନାହିଁ। ଏହା ସହ ୨୦୧୮ ରେ ଗୃହମନ୍ତ୍ରୀ ରାଜନାଥ ସିଂ ଜାତିଭିତ୍ତିକ ଜନଗଣନା କରିବାକୁ ସଂସଦରେ ଘୋଷଣା କରିବା ସହ ଏପ୍ରିଲ ୨୦୨୧ରେ ପଛୁଆବର୍ଗଙ୍କ ପାଇଁ ଜାତୀୟ ଆୟୋଗ ମଧ କେନ୍ଦ୍ର ସରକାରଙ୍କୁ ଜନଗଣନାରେ ଓବିସି ସମ୍ପ୍ରଦାୟ ଏବଂ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଜୁଲାଇ ୨୦୨୧ ରେ ରାଜ୍ୟ ଗୃହ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓବିସି ଜାତିଭିତ୍ତିକ ଜନଗଣନା ନ କରିବାକୁ ଘୋଷଣା କରାଯାଇଥିଲା। ଯେଉଁଥିପାଇଁ କେବଳ ଗୋପାଳ ସମାଜ ନୁହେଁ, ବରଂ ସମଗ୍ର ଓବିସି ସମାଜ ବିଶେଷ ଆଘାତପ୍ରାପ୍ତ ହେବେ ବୋଲି କହିଛନ୍ତି। ଏଣୁ ୨୦୨୧ ଜନଗଣନାରେ ଜାତିଭିତ୍ତିକ ଗଣନା ସହ ଓବିସି ସମ୍ପ୍ରଦାୟ ଜନଗଣନା କରିବାକୁ ଷୋହଳଖଣ୍ଡ ଗୋପାଳ ସମାଜ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଗୋପାଳ ସମାଜ ସଭାପତି କାଳୀଚରଣ ଗୌଡ, କାର୍ଯ୍ୟକାରୀ ସଭାପତି ପର୍ଶୁରାମ ଗୌଡ, ଉପସଭାପତି ପୀତାମ୍ବର ଗୌଡ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ମହାକୁଡ, ଶତ୍ରୁଘ୍ନ ମହାକୁଡ, ଗଣେଶ ଗୌଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଝାଟି ମାଟି କୁଡ଼ିଆରେ ଅସହାୟ ମହିଳା

## କାଗଜକଲମରେ ସରକାରଙ୍କ କଲ୍ୟାଣ ଯୋଜନା

**ପାରଳାଖେମୁଣ୍ଡି,୪।୯(ଡି.ଏନ୍.ଏ.)**

ଗରିବ ଅସହାୟ ଲୋକଙ୍କ କଲ୍ୟାଣ ପାଇଁ ସରକାରଙ୍କ ତରଫରୁ ବହୁ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ ସେ ସବୁ କାଗଜକଲମରେ ସୀମିତ ରହୁଛି । ବାସ୍ତବରେ ଯୋଗ୍ୟ ହିତାଧିକାରୀଙ୍କ କ୍ଷେତ୍ରରେ ଏହି କଲ୍ୟାଣ ଯୋଜନା ଅପହଞ୍ଚ ହୋଇ ରହିଛି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ଅଡବା ପଞ୍ଚାୟତର ପଦାଗାଁ ଗ୍ରାମରେ। ଭାସି ସାହୁ (୫୬) ଏକାକୀ ରହୁଛନ୍ତି। ପରିବାର କହିଲେ କେହି ନାହାନ୍ତି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ । ଖରା ବର୍ଷାରେ ଜୀବନ ବିତୁଛି କୁଡିଆ ଘରେ। କୌଣସି ସରକାରୀ ସହାୟତା ମିଳୁନି। ୩୫ବର୍ଷ ତଳେ ସ୍ୱାମୀଙ୍କ ପରଲୋକ ଘଟିଛି। ଦୁଇ ପୁଅ ମଧ ଆରପାରିକୁ ଚାଲିଗଲେ । ଦୁଇ ବର୍ଷ ହେଲା ତାଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ । ସାହି ପଡ଼ିଶା ଘର ଘର ବୁଲି ମାଗି ସେଥିରେ ଦୁଃଖ କଷ୍ଟରେ ଚଳୁଛନ୍ତି । ଏ ନେଇ ସେ ବହୁବାର ଜନ ପ୍ରତିନିଧିଙ୍କ ନିକଟରେ ଗୁହାରି କରିଛନ୍ତି, ହେଲେ କେବଳ ପ୍ରତିଶ୍ରୁତି ମିଳୁଛି। ଅଞ୍ଚଳବାସୀ ସମ୍ପୃକ୍ତ ଅସହାୟ ମହିଳାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି କରିଛନ୍ତି।


କୁଡ଼ିଆ ନିକଟରେ ମହିଳା।

# ସମସ୍ୟା ଘେରରେ ପାହାଡ଼ ଘେରା ଗୁରୁଗୁଡ଼ା

## ସମାଧାନ ନ ହେଲେ ପଞ୍ଚାୟତ ନିର୍ବାଚନ ବର୍ଜନ ଚେତାବନୀ

**ପାରଳାଖେମୁଣ୍ଡି, ୪।୯(ଡି.ଏନ୍.ଏ.)**

ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଗଜପତି ଜିଲା ମୋହନା ବ୍ଲକଠାରୁ ମାତ୍ର ୭ କିମି ଦୂରରେ ଥିବା ପାହାଡ଼ ପର୍ବତ ଘେରା ଗୁରୁଗୁଡ଼ା ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି। ଉକ୍ତ ଗାଁକୁ ପକ୍କା ରାସ୍ତା ନାହିଁ । ଗାଁର କୌଣସି ଲୋକ ରୋଗରେ ପଡିଲେ ମେଡିକାଲ ସୁବିଧା ପାଇଁ ଆମ୍ବୁଲାନ୍ସ ପହଞ୍ଚିପାରୁନି। ଫଳରେ ଅନ୍ୟ ଗ୍ରାମ ରାସ୍ତା ଦେଇ ୪ କି.ମି. ବୁଲି ମୁଖ୍ୟରାସ୍ତାକୁ ଯିବା ଆସିବା କରନ୍ତି। ସେହିପରି ଗ୍ରାମରେ ୪୭ ପରିବାର ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ଗୋଟିଏ ସୋଲାର ପାନୀୟ ଜଳ ପ୍ରକଳ୍ପ ରହିଛି। ତେଣୁ ଆବଶ୍ୟକ ମୁତାବକ ପାଣି ଯୋଗାଇପାରୁ ନଥିବାରୁ ମହିଳାମାନେ ୫୦୦ ମିଟର ଦୂର ପାହାଡ଼ ନିକଟରେ ଥିବା ଚୁଆରୁ ଦୂଷିତ ପାଣି ଆଣି ବ୍ୟବହାର କରୁଛନ୍ତି। ପାହାଡ଼ ଉପରୁ ପାଣି ଆଣିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ନିବେଦନ କରି ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେବେ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମର ସମସ୍ତ ସମସ୍ୟା ସମାଧାନ କରାନ ଗଲେ ନିର୍ବାଚନକୁ ବର୍ଜନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

### ଟ୍ରକ୍ ଧକ୍କାରେ ଗାଡ଼ି ଚାଳକଙ୍କ ମୃତ୍ୟୁ

**ଗୋପାଳପୁର,୪।୯(ଡି.ଏନ.ଏ.)**

ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ କନିଷି ହାଟ ଛକରେ ଶୁକ୍ରବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁମାଣ୍ଡି ଗ୍ରାମର ସନ୍ନ୍ୟାସୀ ଦାସ।

ସୂଚନାନୁସାରେ, ଏହି ଥାନା ଅନ୍ତର୍ଗତ ସୁମାଣ୍ଡି ଗ୍ରାମର ସନ୍ନ୍ୟାସୀ ଟାଟା ଏସିଇ ଚଳାଉଥିଲେ। ତାଙ୍କ ଗାଡ଼ି ଖରାପ ହେବାରୁ କନିଷି ହାଟରେ ରଖିଥିଲେ। ଘରକୁ ଯିବା ପାଇଁ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ଟ୍ରକ୍‌କୁ ଲିଫ୍ଟ ମାଗୁଥିଲେ। ହଠାତ୍ ଟ୍ରକଟି ତାଙ୍କ ଉପରକୁ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ସନ୍ନ୍ୟାସୀଙ୍କ ମୃତ୍ୟୁ ଘଟିଥିଲେ। ଗୋଳନ୍ଥରା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ମଧ ପୋଲିସ ଜବତ କରିଛି। ଏନେଇ ନଂ.୨୪୮/୨୧ରେ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଲଖରୀପଟାରୁ ଲୁଦୁହୁଏରି ଯାଏ ବିଦ୍ୟୁତ୍ ସଂଯୋଗ ଦାବି

**ଆର.ଉଦୟଗିରି,୪।୯(ଡି.ଏନ.ଏ.)**

ମୋହନା ବ୍ଲକ ଅନ୍ତର୍ଗତ କର୍ଚ୍ଚବାଡ଼ି ପଞ୍ଚାୟତର ଦୁର୍ଗମ ପାହାଡିଆ ଆଦିବାସୀ ଗ୍ରାମ ହୋଇଥିଲେ ମଧ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ହେଲା ବିଦ୍ୟୁତ୍ ସଂଯୋଗ ନାହିଁ। କେନ୍ଦ୍ର ଏବଂ ରାଜ୍ୟ ସରକାର ଆଦିବାସୀଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଯୋଜନାଗୁଡିକ ଅଧାପନ୍ତରିଆ ଭାବେ ରହିଯାଉଛି ଏବଂ ଏହାର ସୁବିଧା ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଛାତ୍ରୀଛାତ୍ର ବିଦ୍ୟୁତ୍ ନ ଥିବା ହେତୁ ମୋବାଇଲ ଦ୍ୱାରା ପାଠ ପଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳରେ ବହୁ ବିପିଏଲ ଗରିବ ଲୋକ ଥିଲେ ବି ବର୍ତ୍ତମାନ ସୁଦ୍ଧା କୁଟୀରଜ୍ୟୋତି ଏବଂ ଦୀନ୍‌ଦୟାଲ ଉପାଧ୍ୟାୟ ଯୋଜନାରେ ମଧ ବିଦ୍ୟୁତ୍ ପାଇପାରୁନାହାନ୍ତି। ସ୍ଥାନୀୟ ବିଭାଗୀୟ ଅଧିକାରୀ ଏବଂ ବିଡିଓ, ଜିଲାପାଳ ଏହି ଆଦିବାସୀ ଅଞ୍ଚଳରେ ବିଦ୍ୟୁତ୍ କାର୍ଯ୍ୟ ଶେଷକରି ସମସ୍ତ ଘରକୁ ବିଦ୍ୟୁତ୍ ସଂଯୋଗ ଦେବାକୁ ସ୍ଥାନୀୟ ସରପଞ୍ଚ କାମ୍ପୀ ମଳିକ ଏବଂ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି। ଅଳ୍ପଦିନ ମଧରେ ବିଦ୍ୟୁତ କାର୍ଯ୍ୟ ଶେଷ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସ୍ଥାନୀୟବାସୀ ଚେତାବନୀ ଦେଇଛନ୍ତି।


ବିଦ୍ୟୁତ୍ ସେବାରୁ ବଞ୍ଚିତ ଗ୍ରାମବାସୀ।

# ପାଣି ଯୋଗାଣ ପାଇଁ ରାସ୍ତା କାଟିଲେ

## ମରାମତି ନ କରି ଅଧାରୁ ଛାଡ଼ିଗଲା ଠିକା ସଂସ୍ଥା


ମରାମତି ହୋଇନଥିବା ରାସ୍ତା।

**ଜି.ଉଦୟଗିରି,୪।୯(ଡି.ଏନ.ଏ.)**

ଘରେ ଘରେ ପାନୀୟ ଜଳ ଯୋଗାଣ ପାଇଁ ଜି.ଉଦୟଗିରି ସୁବାସ ନଗର ରାସ୍ତା ମଝିରେ ଖୋଳି ପାଇପ୍ ଲାଇନ ପକାଗଲା। ଠିକା ନେଇଥିବା ସଂସ୍ଥା ପାଇପ୍ ବିଛାଇବା ପରେ ମରାମତି ନ କରି ସେମିତି ଛାଡି ଦେଇ ଚାଲିଗଲା। ଫଳରେ ରାସ୍ତାଘାଟ କାଦୁଅ ହେବା ସହିତ ଯାତାୟାତରେ ସମସ୍ୟା ଦେଖାଦେଉଛି। ରାସ୍ତା ମଝିରେ ଆଣ୍ଠୁଏ ମାଟି ଗଦା ହୋଇ ରହିବା ଫଳରେ ଦୁଇଚକିଆ ଗାଡି ବ୍ୟତୀତ ଅନ୍ୟ କିଛି ଯାଇପାରୁ ନାହିଁ। ଉକ୍ତ ରାସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସହିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ସ୍କୁଲ ରହିଥିବା ବେଳେ ଛାତ୍ରୀଛାତ୍ରମାନେ ଯିବା ଆସିବାରେ ବିଶେଷ ଅସୁବିଧା ହେଉଥିବା ସହିତ ଦୁର୍ଘଟଣାର ଶିକାର ମଧ ହୋଇଥାନ୍ତି। ତେଣୁ ଠିକା ନେଇଥିବା ସଂସ୍ଥା ଶୀଘ୍ର ମରାମତି କରିବା ପାଇଁ ଦାବି କରି ସ୍ଥାନୀୟ ପିଏଚଡି କନିଷ୍ଠ ଯନ୍ତ୍ରୀ ଉଦୟଗିରି ପ୍ରଧାନଙ୍କୁ ଜଣାଇଛନ୍ତି। ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପାନୀୟ ଜଳ ଯୋଗାଣ ଯନ୍ତ୍ରୀ କହିଛନ୍ତି।

### ନିଖୋଜ ନାବାଳିକା ଉଦ୍ଧାର

**ହିଞ୍ଜିଳିକାଟୁ,୪।୯(ଡି.ଏନ.ଏ)**

ହିଞ୍ଜିଳିକାଟୁ ପୌରାଞ୍ଚଳର ଜଣେ ନାବାଳିକାଙ୍କୁ ଶନିବାର ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଗତ ରବିବାର ନାବାଳିକା ଜଣକ ପରିବାର ଲୋକଙ୍କ ସହ ଝଗଡ଼ା କରି ଗାଧୋଇବାକୁ ଯିବାକୁ କହି ଘରୁ ରାଗି ପଳାଇଥିଲେ। ଏ ଘଟଣା ନେଇ ନାବାଳିକାଙ୍କ ମା’ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୫୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ନାବାଳିକାଙ୍କୁ ରମ୍ଭା ନିକଟରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

# ନଗର ବିଜେଡି ପୂର୍ବତନ ସଭାପତିଙ୍କ ଦେହାନ୍ତ

**ଦିଗପହଣ୍ଡି,୪।୯(ଡି.ଏନ.ଏ.)**

ଦିଗପହଣ୍ଡି ନଗର ବିଜେଡିର ପୂର୍ବତନ ସଭାପତି ଶିବଶଙ୍କର ଗୋସ୍ୱାମୀ (୬୫)ଙ୍କ ଗୁରୁବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କର ପୁଅ ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ନଗର ବିଜେଡି ସଭାପତି ଲକ୍ଷ୍ମୀ ନୃସିଂହ ମାର୍ଥା, ସମ୍ପାଦକ ଯୁଧିଷ୍ଠିର ସ୍ୱାଇଁ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭି. ରବିନାରାୟଣ ରାଜୁ, ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, ମାଗି ସେଠୀ, ତାରା ପ୍ରସାଦ ପଟ୍ଟନାୟକ, ବଳରାମ ମହାରଣାଙ୍କ ସମେତ ବହୁ ଛାମୁଆ କର୍ମୀ ତାଙ୍କ ବାସଗୃହକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣେଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଛାତ୍ର କଂଗ୍ରେସର ଦସ୍ତଖତ ଅଭିଯାନ



ଛାତ୍ରୀଛାତ୍ର ଦସ୍ତଖତ କରୁଛନ୍ତି।

**ଫୁଲବାଣୀ ଅଫିସ, ୪।୯**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନରେ ହୋଇଥିବା ମହାଦୁର୍ନୀତି ପ୍ରତିବାଦରେ କନ୍ଧମାଳ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଦସ୍ତଖତ ଅଭିଯାନ କରାଯାଇଛି। ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରଛନ୍ତି। ଉଚ୍ଚଶିକ୍ଷିତ ଯୁବତୀ ଯୁବକମାନେ ସରକାରୀ ଚାକିରି ପାଇବା ପାଇଁ ଘର ଦ୍ୱାର ଛାଡି କେତେ କଷ୍ଟରେ ବାହାରେ ରହି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ମାତ୍ର ସେମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇ ଟଙ୍କା ନେଇ ଚାକିରି ବିକ୍ରି କରାଯାଉଛି। ସରକାର ପ୍ରତ୍ୟକ୍ଷ ଭାବେ ଏଥିରେ ଜଡିତ ରହୁଛନ୍ତି । ଏସବୁ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର ପ୍ରକାଶ କରିଛନ୍ତି। ଏହି ଦସ୍ତଖତ ଅଭିଯାନରେ ଛାତ୍ର ନେତା ସତ୍ୟମ କହଁର, ଦୀପକ ବେହେରା, ଶୁଭମ ମହାପାତ୍ର, ଚନ୍ଦ୍ରକାନ୍ତ ମଲ୍ଲିକ, ଶ୍ରବଣ ପ୍ରଧାନ, ଇପ୍‌ସିତ ପ୍ରଧାନ, ଯୋଶେଫ ବେହେରା, ଶୁଭଶ୍ରୀ ମଲ୍ଲିକ, ରଜନୀକାନ୍ତ ପ୍ରଧାନ, ସତିଶ କୁମାର ମହାନ୍ତି, ଇମାନୁଏଲ ବାରିକ, ଦିବ୍ୟରଞ୍ଜନ ମଝିଆସେଟ ପ୍ରମୁଖ ସାମିଲ ଥିଲେ।

# ଡେପୁଟେଶନ ଡାକ୍ତରଙ୍କୁ ଫେରାଇବା ଦାବିରେ ଭାଜପାର ଧାରଣା

**ଫୁଲବାଣୀ ଅଫିସ, ୪।୯**



ଧାରଣାରେ ଭାଜପା କର୍ମକର୍ତ୍ତା।

କନ୍ଧମାଳ ଜିଲା ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଡେପୁଟେଶନ ଡାକ୍ତରଙ୍କୁ ଫେରାଇ ଆଣିବାକୁ ଧାରଣା ଦିଆଯାଇଛି। ଜିଲାରେ ନୂତନ ନିଯୁକ୍ତି ପାଇ ଡେପୁଟେଶନରେ ଚାଲି ଯାଇଥିବା ଡାକ୍ତରଙ୍କୁ ତୁରନ୍ତ ଫେରାଇ ଆଣିବା, ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ପଦବୀ ପୂରଣ, ଡାକ୍ତର ଅଜିତ୍ ଦଳେଇଙ୍କୁ ରିଲିଭ ନ କରିବା ଦାବିରେ ଏହି ଧାରଣା ଦିଆଯାଇଥିଲା। ଶେଷରେ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

କନ୍ଧମାଳ ଜିଲା ଆଦିବାସୀ ବହୁଳ । ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବହୁ ଦୂରଦୂରାନ୍ତରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି । ସୁବର୍ଣ୍ଣଗିରି, ବେଲଘର, ବ୍ରାହ୍ମଣୀଗାଁ ଯାହା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ୧୦୦ କି.ମି.ରୁ ଊର୍ଦ୍ଧ୍ୱ ଦୂର। ସମସ୍ତେ ଚିକିତ୍ସା ପାଇଁ ଏହି ମେଡିକାଲକୁ ଧାଇଁ ଆସନ୍ତି । ଏଠାର ଲୋକେ ବାହାର ଜିଲାର ମେଡିକାଲକୁ ଯାଇ ଟଙ୍କା ଖର୍ଚ୍ଚ କରି ଚିକିତ୍ସିତ ହେବା ଏକ ପ୍ରକାର ଅସମ୍ଭବ। ହେଲେ ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି । ଏହି ମେଡିକାଲରେ ଭେଷଜ ବିଶେଷଜ୍ଞ କିମ୍ବା ଅସ୍ଥିଶଲ୍ୟ ବିଶେଷଜ୍ଞ ନାହାନ୍ତି । ସ୍ନାତକୋତ୍ତର ଡାକ୍ତରୀ ଛାତ୍ରଙ୍କୁ ଏଠାରେ ନିୟୋଜିତ କରି ସରକାର ଭୁଆଁ ବୁଲାଉଛନ୍ତି । ଅନେକ ଡାକ୍ତରଖାନାରେ ଡାକ୍ତର ଆଦୌ ନାହାନ୍ତି । ବିଶେଷଜ୍ଞ ଡାକ୍ତର ଆମ ଜିଲାରୁ ଦରମା ପାଇ ଅନ୍ୟ ଜିଲା ମେଡିକାଲରେ ସେବା ଯୋଗାଉଛନ୍ତି । ଯାହା କନ୍ଧମାଳ ପାଇଁ ଲଜ୍ଜାର ବିଷୟ । ଭେଷଜ ବିଶେଷଜ୍ଞ ନ ଥିବାରୁ ଯକ୍ଷ୍ମା ରୋଗ ବିଶେଷଜ୍ଞ ଡା.ଦଳାଇ ରୋଗୀଙ୍କୁ ସେବା ଯୋଗାଉ ଥିଲେ। ଏବେ ରାଜ୍ୟ ସରକାର ତାଙ୍କୁ ଡେପୁଟେଶନରେ ଭୁବନେଶ୍ୱର ପଠାଇବାକୁ ଆଦେଶ ଦେଇଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ତେଣୁ ଉପରୋକ୍ତ ଦାବିକୁ ତୁରନ୍ତ ପୂରଣ କରିବାକୁ ଦାବି କରୁଛୁ। ନ ହେଲେ ଆଗାମୀ ଦିନରେ ବଡଧରଣର ଆନ୍ଦୋଳନ କରାଯିବ ବୋଲି ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ଉପସଭାପତି ରମେଶ ଚନ୍ଦ୍ର ମହାନ୍ତି, ଲିଙ୍ଗରାଜ ଦଳବେହେରା, ଭଗବାନ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବନାରାୟଣ ପ୍ରଧାନ, ବିଶ୍ୱରଞ୍ଜନ ଦାସଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି ।

# ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଇ-ସର୍ଭିସ୍ ପ୍ରଶିକ୍ଷଣ ଉଦ୍‌ଘାଟିତ

## ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୪।୯

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଶନିବାର ବ୍ରହ୍ମପୁର ଗସ୍ତରେ ଆସି ଓକିଲଙ୍କ ପାଇଁ ଆୟୋଜିତ ଇ-ସର୍ଭିସ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣରେ ହାଇକୋର୍ଟର ବିଚାରପତି ତଥା ଗଞ୍ଜାମ ଜଜ୍‌ଶିପ୍ ପ୍ରୋଟୋକଲ ବିଚାରପତି ଡ.ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଦୌରାଜଜ୍ ଶଶିକାନ୍ତ ମିଶ୍ର, ଓକିଲ ସଂଘ ସମ୍ପାଦକ ପ୍ରଦୀପ କୁମାର ବେହେରା ଉପସ୍ଥିତ ଥିଲେ। ଇ-ଫାଇଲିଂ, ଇ-ଚାଲାନ, ଜରିମାନାର ଇ-ପେମେଣ୍ଟ, ହାଇକୋର୍ଟର ମୋବାଇଲ ଆପ୍ ବ୍ୟବହାର ନେଇ ଏଠାରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଜିଲାର ବିଭିନ୍ନ ଓକିଲ ସଂଘ ପ୍ରତିନିଧି ଯୋଗ ଦେଇଥିଲେ। ଏହା ପରେ ମୁଖ୍ୟ ବିଚାରପତି ଜିଲାକୋର୍ଟ ପରିଦର୍ଶନ କରିଥିଲେ। ପରେ ଗଞ୍ଜାମ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ। ତାଙ୍କୁ ଓକିଲ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟ ବିଚାରପତି ତାଙ୍କ ବକ୍ତବ୍ୟରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ହାଇକୋର୍ଟ ମୁଖ୍ୟ ବିଚାରପତି, ବିଚାରପତି ଡ.ଷଡ଼ଙ୍ଗୀ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଚିତ୍ତରଞ୍ଜନ ଦାଶ, ଦୌରାଜଜ୍ ମିଶ୍ର, ଓକିଲ ସଂଘ ସଭାପତି ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ବେହେରା, ଉପସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ଆଇନଜୀବୀ ବସନ୍ତ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଗଞ୍ଜାମ ଓକିଲ ସଂଘ ନିମନ୍ତ୍ରଣ ରକ୍ଷା କରି ମୁଖ୍ୟ ବିଚାରପତି ମୁରଲୀଧର ସଂଘ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହା ସମସ୍ତ ଆଇନଜୀବୀଙ୍କ ପାଇଁ ଏକ ସ୍ମରଣୀୟ ଦିନ। ତାଙ୍କୁ ଅତିଥି ଭାବେ ସ୍ୱାଗତ କରାଯାଇଛି। ଯାହା ସମସ୍ୟା ରହିଛି ଆମେ ପ୍ରୋଟୋକଲ୍ ଜଜ୍‌ଙ୍କ ଜରିଆରେ ମୁଖ୍ୟ ବିଚାରପତିଙ୍କଠାରୁ ସମୟ ନେଇ ତାଙ୍କ ସହିତ ଆଲୋଚନା କରିବୁ ବୋଲି ସମ୍ପାଦକ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଏସ୍.ରାମକୁମାର, କିଶୋର ବିଷୋୟୀ, ସୁଧାଂଶୁ ଶେଖର ପଣ୍ଡା, ବସନ୍ତ ପଣ୍ଡା, ଶିଶିର ପାଢ଼ୀ, ମାଗୁଣି ପଲାଇ, ପ୍ରସାଦ ରାଓ, କପିଳେଶ୍ୱର ପଟ୍ଟନାୟକ, ମୋହନ ସିଂହାରୀ, ଦୀପକ ପଟ୍ଟନାୟକ, ନିର୍ମଳ ସାହୁ, ମନୋଜ ପଟ୍ଟନାୟକ, ନାରାୟଣ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, କୁନାଲ ସାହୁ, ପ୍ରଦୀପ ପଟ୍ଟନାୟକ, ପ୍ରଦୀପ ପଣ୍ଡା, ତାପସ ସାହୁ, ସୀତାଂଶୁ ପଣ୍ଡା, ଅସିତ ସାବତ, ଅରୁଣ ବିଶ୍ୱାଳ, ପରେଶ ରଥ, ଅଶୋକ ଶୁକ୍ଳା, କରୁଣାକର ପାଣିଗ୍ରାହୀ ଓ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଅନ୍ୟ ଅତିଥି।

# ଶହୀଦ ଯଜ୍ଞକର ପରିବାରକୁ ୭୯ଲକ୍ଷ ସହାୟତା

କବିସୂର୍ଯ୍ୟନଗର,୪।୯(ଡି.ଏନ୍.ଏ.)

ଡିସେମ୍ବର ୨୦ରେ ସିକିମ ନାଥୁଲା ସେକ୍ଟର ୪ଜଣ ଯବାନଙ୍କ ସହ ଜଣେ ୮ ବର୍ଷର ପୁଅ ବରଫ ଅତଡ଼ା ଖସିପଡ଼ିବାରୁ ଜିପ ଦୁର୍ଘଟଣାଗ୍ରସ୍ତ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ କବିସୂର୍ଯ୍ୟନଗର ଆଠଗଡ଼ ପାଟଣାର ପ୍ରଫୁଲ୍ଲ କରଙ୍କ ପୁଅ ଯବାନ ଯଜ୍ଞନାରାୟଣ ଶହୀଦ ହୋଇଥିଲେ। କବିସୂର୍ଯ୍ୟନଗର ଅବସର ସୈନିକ ସଂଘର ସହାୟତାରେ କେନ୍ଦ୍ର ସରକାର ପକ୍ଷରୁ ତାଙ୍କ ପରିବାରକୁ ୭୯ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରଯାଇଥିବା ସଂଘ ଜଣାଇଛି। ଯବାନଙ୍କ ସ୍ତ୍ରୀ ଆରତୀ ୫୫ଲକ୍ଷ ଓ ଶାଶୁ ଶ୍ୱଶୁରଙ୍କୁ ୨୪ଲକ୍ଷ ମୃତ୍ୟୁକାଳୀନ ସହାୟତା ଦିଆଯାଇଛି। ସ୍ତ୍ରୀ ଆରତୀ ମାସିକ ପେନସନ ଆକାରରେ ୧୬ ହଜାର ଟଙ୍କା ବିଧବା ଥିବା ଯାଏ ପାଇବା ସହ ଏଥିରୁ ଶାଶୁ ଶ୍ୱଶୁରଙ୍କୁ ପାଞ୍ଚ ହଜାର ମାସିକ ପ୍ରଦାନ କରିବେ ବୋଲି ଏକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ସହାୟତା ପ୍ରଦାନ ବୈଠକ କବିସୂର୍ଯ୍ୟନଗର ଅବସର ସୈନିକ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ପୂର୍ବ ସୈନିକ ସେବା ସଂଘର ସଭାପତି ବ୍ରିଗେଡ଼ିୟର ଅଭିମନ୍ୟୁ ରାଉତ, ସମ୍ପାଦକ ଗଗନ ବିହାରୀ ଦାସ, ଉପସଭାପତି କ୍ୟାପଟେନ ଉପେନ୍ଦ୍ର ବିଶ୍ୱାଳ, ସହ ସମ୍ପାଦକ ଏସ୍. ଏସ୍ ଚୌଧୁରୀ, ବ୍ରହ୍ମପୁର ସଂଘ ସମ୍ପାଦକ ଶାନ୍ତନୁ କୁମାର ମିଶ୍ର, କବିସୂର୍ଯ୍ୟନଗର ସଂଘ ସଭାପତି ଡା. କଂଗ୍ରେସ ପ୍ରଧାନ ଓ ମହିଳା ସଂଘ ସଭାପତି ଇ.ମାହେଶ୍ୱରୀ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅବସର ସୈନିକ ସଂଘ କର୍ମକର୍ତ୍ତା।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଗୋପାଳପୁର,୪।୯(ଡି.ଏନ.ଏ.): ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ୩୨ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଶନିବାର ସମୀକ୍ଷା କରିଥିଲେ। ଅପରାହ୍ନରେ ବିଡିଓ ପ୍ରସନ୍ନ ପାତ୍ରଙ୍କ ଅଧକ୍ଷତାରେ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨ ପଞ୍ଚାୟତରେ ଉନ୍ନୟତିମୂଳକ କାର୍ଯ୍ୟ ନେଇ ସଚିବ ସମୀକ୍ଷା କରିଥିଲେ। ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ଓ ଲୋକଙ୍କ ନିକଟରେ ଯେପରି ପହଞ୍ଚିପାରିବ ସେ ନେଇ ଆଲୋଚନା ହୋଇଥିଲା। ମିଶନ ଶକ୍ତିରେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ଅର୍ଥନୈତିକ ବିକାଶ ହେବ ସେନେଇ ଅଧିକ ଗୁରୁତ୍ୱାରୋପ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ଲୋକଙ୍କୁ ଉତ୍ତମ ସେବା ଯୋଗାଇବା କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଗ୍ରାମାଞ୍ଚଳରେ ଝିଅମାନେ ପଢ଼ାରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ଶିକ୍ଷକମାନେ ଶିକ୍ଷାର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ରଙ୍ଗେଇଲୁଣ୍ଡା ବିଇଓ ଡ.ପ୍ରଭାତୀ କୁମାରୀ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସମୀର କୁମାର ପଟ୍ଟନାୟକ, ସରିତା ବେହେରା, ସନ୍ଧ୍ୟାରାଣୀ ମହାପାତ୍ର, ଅନ୍ୟ ଅଧିକାରୀ, ପିଇଓ, ଜିଆରଏସ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଋଣ ସହାୟତା ବାଣ୍ଟିଲେ ବିଧାୟିକା




ଆସିକା,୪।୯ (ଡି.ଏନ.ଏ.): ଆସିକା ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ, ଉଠା ଦୋକାନୀ ଓ ଆତ୍ମନିର୍ଭର ଯୋଜନାରେ ପରିବାର ପୋଷଣ କରୁଥିବା ଉପଭୋକ୍ତାଙ୍କୁ ଋଣ ବଣ୍ଟନ କରାଯାଇଛି। ଶନିବାର ଆସିକା ଏନ୍‌ଏସି ସଭା ଗୃହରେ ନିର୍ବାହୀ ଅଧିକାରୀ ପ୍ରସନ ଟେଟେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଋଣ ବଣ୍ଟନ ମେଳାରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉପଭୋକ୍ତାଙ୍କୁ ଚେକ୍ ପ୍ରଦାନ କରିଥିଲେ। ସିଲେଇ ମେଶିନ, ବଡି ପାମ୍ପଡ, ଗରମ ମସଲା, ମିକ୍ସଚର ପ୍ରସ୍ତୁତି ଓ ପନିପରିବା ବିକ୍ରି କରୁଥିବା ୧୦ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୬ଲକ୍ଷ ୩୦ହଜାର ୨୧ଜଣ ଉଠା ଦୋକାନୀଙ୍କୁ ୧୦ହଜାର ଟଙ୍କା ଲେଖାଏ ୨ଲକ୍ଷ ୧୦ ହଜାର ଓ ପାର୍ଲର, ସେଲୁନ, କିରାଣୀ ଦୋକାନ, ମୋବାଇଲ ମରାମତି କରୁଥିବା ୪ଜଣ ଉପଭୋକ୍ତାଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିପି ମିଶନ ମେନେଜର ଶାନ୍ତିଲତା ଦଳେଇ, ଗୋଷ୍ଠୀ ସଙ୍ଗଠିକା ମାନସୀ ସାହୁ, ସୁମନ୍ତ ସେନାପତି, ରଶ୍ମିତା ସେନାପତିଙ୍କ ସମେତ ଋଣ ପ୍ରଦାନକାରୀ, ବିଭିନ୍ନ ବ୍ୟାଙ୍କର ପ୍ରତିନିଧି ଯୋଗ ଦେଇଥିଲେ।

# ବିଦେଶରେ ଚାକିରି ନାଁରେ ଠକେଇ

## ନେପାଳ ଟୁର୍‌ରେ ସଂସ୍ଥା ମୁଖ୍ୟ

ହିଞ୍ଜିଳିକାଟୁ,୪।୯(ଡି.ଏନ୍.ଏ)

ବିଦେଶରେ ଚାକିରି ଦେବା ନାଁରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ପଟଣାସାହିରେ ଏକ ଠକ ସଂସ୍ଥା ବହୁ ଯୁବତୀ ଓ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଟଙ୍କା ସହ ବହୁ ଯୁବକଙ୍କ ମୂଳ ପ୍ରମାଣ ପତ୍ର ମଧ ନେଇ ସଂସ୍ଥା ମୁଖ୍ୟ ଫେରାର୍ ହୋଇଯାଇଛନ୍ତି। ଉକ୍ତ ସଂସ୍ଥାର ମୁଖ୍ୟ ରାକେଶ କୁମାର ପଣ୍ଡା କେତେଜଣ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଗୋଟିଏ ଭଡ଼ା କାର୍‌ରେ ନେପାଳ, କୋଲକତା ଟୁର କରୁଥିବା ନେଇ ଏକ ଇନ୍‌ଷ୍ଟାଗ୍ରାମରେ ଫଟୋ ବୁଲୁଥିବା ଅଭିଯୋଗ ହୋଇଛି। କିଛି ମାସ ତଳେ ହିଞ୍ଜିଳିକାଟୁ ପଟଣାସାହିରେ ଏକ ଭଡ଼ାଘରେ ଆରାଉଣ୍ଡ ଦି ୱାଲ୍ଡ ଟ୍ରାଭେଲ ଏଜେନ୍ସି ଖୋଲିଥିଲା। ଗଞ୍ଜାମ ଜିଲା ସମେତ ନିକଟବର୍ତ୍ତୀ ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାର ବେରୋଜଗାରଙ୍କୁ ଚାକିରି ଦେବା ପାଇଁ ପୋଷ୍ଟର, ବ୍ୟାନର ଓ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରଲୋଭିତ କରିଥିଲା ସଂସ୍ଥା। ଖଲ୍ଲିକୋଟ, ବେଗୁନିଆପଡ଼ା, ବାଣପୁର, ନୀଳାଦ୍ରିପ୍ରସାଦ ଆଦି ଅଞ୍ଚଳରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବେରୋଜଗାର ଯୁବତୀ, ଯୁବକ ଠକ ସଂସ୍ଥା ସହ ଯୋଡ଼ି ହୋଇଥିଲେ। ଏମାନଙ୍କୁ ନକଲି ଅଫର ଲେଟର ଦେଇ ଭିଜା, ପାସ୍‌ପୋର୍ଟ ଓ ଉଡ଼ାଜାହାଜ ଖର୍ଚ୍ଚ ବାବଦକୁ ବାହାରିନ, ଦୁବାଇ, ଓମାନ ପାଇଁ ଠକ ସଂସ୍ଥା ଜଣକ ପିଛା ୨୦ରୁ ୫୫ହଜାର ଟଙ୍କା ନେଇଥିଲା। ଗତ ୨୬ରେ ବିଦେଶ ଯିବା ପାଇଁ ପ୍ରସ୍ତୁତି ହୋଇ ହିଞ୍ଜିଳିକାଟୁ ଅଫିସ ସାମ୍ନାରେ ପହଞ୍ଚିଥିବା ଆଶାୟୀ ଅଫିସରେ ତାଲା ଝୁଲିବା ଦେଖିଥିଲେ। ଠକାମିର ଶିକାର ହୋଇଥିବା ଜାଣି ସେମାନେ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ ୪୫୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ନେପାଳ ଟୁର୍‌ରେ ଠକ ସଂସ୍ଥା ମୁଖ୍ୟ ଓ ଅନ୍ୟ କର୍ମଚାରୀ।

# ଲୁଟ ଟଙ୍କା ସହ ମୋବାଇଲ ଜବତ, ୨ଗିରଫ

ଆସିକା,୪।୯(ଡି.ଏନ.ଏ.): ଗାଙ୍ଗପୁର ଥାନା ଗୋବରା ନିକଟରେ ଗତ ଗୁରୁବାର ଘଟିଥିବା ଏକ ଲୁଟ୍ ମାମଲାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ସୋରଡ଼ା ଥାନା କଇଁଠପଲ୍ଲୀ ସାହିର କୃଷ୍ଣ ଦାସ ଓ ଏ. ଗଣେଶ। ଅଭିଯୁକ୍ତଙ୍କ ନିକଟରୁ ଲୁଟ କରିଥିବା ୧୭ହଜାର ୬ଶହ ଟଙ୍କା ଓ ମୋବାଇଲ ଫୋନ ସହ ଗୋଟିଏ ନମ୍ବର ବିହୀନ ବାଇକ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନରେ ଭଞ୍ଜନଗରସ୍ଥିତ ଏସ୍‌ଡିଜେଏମ୍ ଅଦାଲତକୁ ପଠାଇ ଦିଆଯାଇଛି। ଗୁରୁବାର ଅଭିଯୁକ୍ତମାନେ ଗାଙ୍ଗପୁର ଥାନା ମାଧବରିଡା ଗ୍ରାମର କିରଣ କୁମାର ବିଶ୍ୱାଳକୁ ଗୋବରା ପୁଟୁବନ୍ଧ ନିକଟରେ ଅଟକାଇ ମାଡ ମାରି ତାଙ୍କ ପାଖରେ ଥିବା ଟଙ୍କା ସହ ପର୍ସ ଓ ମୋବାଇଲକୁ ଲୁଟି ନେଇଥିଲେ। ଏ ନେଇ ଗାଙ୍ଗପୁର ଥାନାରେ ନଂ. ୩୮୦/୨୧ରେ ମାମଲା ରୁଜୁ କରାଯାଇଥିଲା।

# ଆନ୍ଧ୍ର ବିଚ୍ଛିନ୍ନାଞ୍ଚଳରେ ମାଗଣା ପୁସ୍ତକ ବଣ୍ଟନ



ଉପସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କର୍ମକର୍ତ୍ତା ଓ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୪।୯: ଆନ୍ଧ୍ର ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶନିବାର ଓଡ଼ିଆ ପାଠ୍ୟପୁସ୍ତକ ସ୍ଥାନୀୟ ଆମ୍ବପୁଆସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଜୋନାଲ କାର୍ଯ୍ୟାଳୟରୁ ଉତ୍କଳ ସମ୍ମିଳନୀ ଏବଂ ଗଞ୍ଜାମ ଜିଲା ଉତ୍କଳ ସମ୍ମିଳନୀ ତରଫରୁ ପ୍ରଦାନ କରାଯାଇଛି। ଆନ୍ଧ୍ର ପ୍ରଦେଶ ବିଚ୍ଛିନ୍ନାଞ୍ଚଳର ଶ୍ରୀକାକୁଳମ, ବିଶାଖାପାଟଣା ଓ ବିଜୟନଗରମ ଶିକ୍ଷା ଜିଲାର ୩୧ଓଡ଼ିଆ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ନବମ ଶ୍ରେଣୀର ୧୨୮୫ ଓ ଦଶମ ଶ୍ରେଣୀର ୧୨୮୫ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ନବମ ଶ୍ରେଣୀ ପାଇଁ ସାହିତ୍ୟ ଧାରା, ମାଧ୍ୟମିକ ବ୍ୟାକରଣ, ଦଶମ ଶ୍ରେଣୀ ନିମନ୍ତେ ସାହିତ୍ୟ ସିନ୍ଧୁ ଓ ମାଧ୍ୟମିକ ବ୍ୟାକରଣ ପୁସ୍ତକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ସୁବାସ ଚନ୍ଦ୍ର ବେହେରା, ଆନ୍ଧ୍ର ପ୍ରଦେଶ ଓଡ଼ିଆ ଶିକ୍ଷା ଜିଲା ଇନ୍ସପେକ୍ଟର ହରିଶ୍ଚନ୍ଦ୍ର ପାଢ଼ୀ, ଆନ୍ଧ୍ର ପ୍ରଦେଶ ଓଡ଼ିଆ ଭାଷା ସଂଖ୍ୟାଲଘୁ ସଭାପତି ବରିଷ୍ଠ ଅଧିବକ୍ତା ସତ୍ୟନାରାୟଣ ପାଢ଼ୀ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ସଭାପତି ଅଧିବକ୍ତା ଡ.ସୁବ୍ରତ କୁମାର ସାହୁ ଓ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ସଂଖ୍ୟାଲଘୁ ପରିଷଦ ସମ୍ପାଦକ ଶିବ ପ୍ରସାଦ ପଣ୍ଡା, ଇଚ୍ଛାପୁର ବାପୁଜୀ ପାଠାଗାର ସଭାପତି ରଘୁନାଥ ଗୌଡ଼, ଆନ୍ଧ୍ର ପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ ଏବଂ ସମ୍ପାଦକ ତ୍ରିଲୋଚନ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବୃନ୍ଦାବନ ଦଳେଇ, ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ପ୍ରଫେସର ଡକ୍ଟର ଅଦ୍ୱୈତ କୁମାର ପାତ୍ର ଓ ମଞ୍ଜୁଷା ଯୁବ ପାଠାଗାର ପୂର୍ବତନ ସମ୍ପାଦକ ଅଶୋକ କୁମାର ସାହୁଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହି ଭୂୟସୀ ପ୍ରଶଂସା କରିଥିଲେ।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୪।୯

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଶନିବାର ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ପ୍ରସାରିତ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଫିଟ୍ ଇଣ୍ଡିଆ ରନ୍‌କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଏକ ଦୌଡ କାର୍ଯ୍ୟକ୍ରମ କରାଯାଇ ହରିଡାଖଣ୍ଡି ରାସ୍ତା ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ.ପ୍ରମିଳା ଖାଡଙ୍ଗା ଶୁଭାରମ୍ଭ କରିଥିଲେ। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକାରୀ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ଡ.ଶୁଭଶ୍ରୀ ଅପରାଜିତା ଓ ସୁଶାନ୍ତ କୁମାର ପରିଡା ସ୍ୱେଚ୍ଛାସେବୀଙ୍କୁ ସୁସ୍ଥ ସମାଜ ଗଠନ ପାଇଁ ସ୍ୱାସ୍ଥ୍ୟବାନ ହେବାର ମହତ୍ତ୍ୱ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଆନନ୍ଦ ସେଠୀ, ଗଙ୍ଗାଧର ବେହେରା, ଡ.ଚିତ୍ତ ରଞ୍ଜନ ମହାନ୍ତି, ଶିବାନୀ ମିଶ୍ର, ମଧୁସ୍ମିତା ଦାଶ, ଡ. ସ୍ନିଗ୍ଧା ସୁହାଗିନ୍ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୪।୯

ଜଣୈକା ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଅଭିଯୁକ୍ତ ପାଣିଗ୍ରାହୀ ପେଣ୍ଠର ଶମ୍ଭୁ ଓରଫ ସୀମାଞ୍ଚଳ ସାବତ (୨୫)ଙ୍କୁ ଜବତ କରିଛି। ଶନିବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ନଂ.୧୭୭/୨୧ରେ ପୋଲିସ ସୀମାଞ୍ଚଳଙ୍କୁ କୋର୍ଟ ଚାଲାଣ କରିଛି। ପରେ କୋର୍ଟ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଅନ୍ୟପଟେ ଧାରା ୧୬୪ରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଶମ୍ଭୁ ଗତ ଡିସେମ୍ବରରୁ ନାବାଳିକା ଛାତ୍ରୀଙ୍କୁ ପ୍ରେମ କରି ଆସୁଥିଲେ। ଏପରିକି ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଶୁକ୍ରବାର ଯୋଜନା ମୁତାବକ ଛାତ୍ରୀ ଜଣଙ୍କୁ ଅପହରଣ କରି ନେଉଥିବା ବେଳେ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ।

# ବିଦ୍ୟାଳୟରୁ ମୁହଁ ଫେରାଉଛନ୍ତି ଛାତ୍ରୀଛାତ୍ର

## କୁଇନ୍ ମିଶନ ହାଇସ୍କୁଲ
## ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି

ବ୍ରହ୍ମପୁର ଅଫିସ,୪।୯

୧୯୪୭ରୁ ଆରମ୍ଭ ହୋଇଛି କୁଇନ୍ ମିଶନ ହାଇସ୍କୁଲ। ୭୦ ବର୍ଷରୁ ଅଧିକ ପୁରାତନ ଏହି ବିଦ୍ୟାଳୟରୁ ବର୍ତ୍ତମାନ ମୁହଁ ଫେରାଉଛନ୍ତି ଛାତ୍ରୀଛାତ୍ର। ବ୍ରହ୍ମପୁରର ସହରର ଅନ୍ୟାନ୍ୟ ବିଦ୍ୟାଳୟ ଭିତ୍ତିଭୂମି ତୁଳନାରେ ମିନି ଷ୍ଟାଡ଼ିୟମ,ବାସ୍କେଟ ବଲ କୋର୍ଟ, ସାଇନ୍ସ ଲ୍ୟାବ ଥିଲେ ସୁଦ୍ଧା ଶିକ୍ଷକ ପଦବୀ ଖାଲି ପଡ଼ିଥିବା ଯୋଗୁ ଛାତ୍ରୀଛାତ୍ର ବିଦ୍ୟାଳୟରୁ ମୁହଁ ଫେରାଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଛି। ଯାହାଦ୍ୱାରା ପିଲାଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଆଇଏଏସ୍ ଉପେନ୍ଦ୍ର ତ୍ରିପାଠୀ, ଆଇପିଏସ୍ ଏମ୍.ଅକ୍ଷୟ, ବୈଜ୍ଞାନିକ ଡ଼. ସନକ କୁମାର ମଶ୍ର, ପ୍ରଫେସର ଡ.ଚିତ୍ତରଞ୍ଜନ କରଙ୍କ ଭଳି ବହୁ ସୁନାମଧନ୍ୟ ବିଦ୍ୟାର୍ଥୀଙ୍କ ଶିକ୍ଷାନୁଷ୍ଠାନ ଆଜି ନିଜର ଲୋକପ୍ରିୟତା ହରାଇ ବସିଛି।

ବିଦ୍ୟାଳୟରେ ମୋଟ ୨୩ ଶିକ୍ଷକଙ୍କ ଆବଶ୍ୟକତା ରହିଥିଲେ ସୁଦ୍ଧା ଅଛନ୍ତି କେବଳ ୯। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବିଦ୍ୟାଳୟରେ ଏହି ଅବ୍ୟବସ୍ଥା ଲାଗି ରହିଛି। ଗଣିତରେ ୩ ଜଣ ଆବଶ୍ୟକ ବେଳେ ୨ ଅଛନ୍ତି, ବିଜ୍ଞାନରେ ୨ ଶିକ୍ଷକ ଦରକାର ଥିବା ବେଳେ କେହି ନାହାନ୍ତି। ସେହିଭଳି କଳା ଶିକ୍ଷକ ୯ ଆବଶ୍ୟକ ଥିବା ବେଳେ ମାତ୍ର ୪ ଜଣ ଅଛନ୍ତି। ସେହିଭଳି ଆଇଏସିଟି ଓ ଏମ୍‌ସିଟି ଉଭୟ ୩ ଜଣ ଲେଖାଏ ଶିକ୍ଷକ ପଦବୀ ସମ୍ପୂର୍ଣ୍ଣ ଖାଲି ପଡ଼ିଛି। ପିଇଟି ଶିକ୍ଷକ ଗତ ମାର୍ଚ୍ଚରେ ଅବସର ନେଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ନିଯୁକ୍ତ ଦିଆଯାଇନାହିଁ। ହିନ୍ଦୀ ଓ ସଂସ୍କୃତ ନିମନ୍ତେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଏପରି ଭାବେ ଆଉ କିଛିଦିନ ପରେ ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବହୁଳ ଭାବେ ପ୍ରଭାବିତ ହେବା ନିଶ୍ଚିତ ବୋଲି ଅଭିଭାବକ ଓ ଛାତ୍ରୀଛାତ୍ର ମହଲରୁ ଅଭିଯୋଗ ହୋଇଛି।

୨୦୨୦-୨୧ରେ ମୋଟ ୨୪୦ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ଚଳିତ ବର୍ଷ ମଧ ୨୦୨୧-୨୨ ଶିକ୍ଷାବର୍ଷରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ମାତ୍ର ୨୭୧ ଛାତ୍ରୀଛାତ୍ର ଅଛନ୍ତି। ନବମ ଶ୍ରେଣୀରେ ମୋଟ ୮୫ ଓ ଦଶମରେ ୫୬ ଛାତ୍ରଛାତ୍ରୀ ଅଛନ୍ତି। ଏଥିରେ ମଧ ନିୟମିତ ଭାବେ ମାତ୍ର ୫୦ ପ୍ରତିଶତ କିମ୍ବା ତାଠୁ କମ ଛାତ୍ରୀଛାତ୍ର ପାଠପଢ଼ିବା ନିମନ୍ତେ ବିଦ୍ୟାଳୟକୁ ଆସୁଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ବର୍ତ୍ତମାନ ଶିକ୍ଷକଙ୍କ ବଦଳି ଏବଂ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଏକ ମାସ ମଧ୍ୟରେ ନୂତନ ଶିକ୍ଷକ ନିଯୁକ୍ତ ହେବେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ନେଇ ପଣ୍ଡା କହିଛନ୍ତି, କରୋନା କାରଣରୁ ଅଭିଭାବକ ପିଲାଙ୍କୁ ସ୍କୁଲ ପଠାଇବାକୁ ଚାହୁଁ ନାହାନ୍ତି। ସେହିପରି ସହରର ଅନ୍ୟ ବିଦ୍ୟାଳୟଗୁଡ଼ିକ ଯେଉଁଠି ମୁଖ୍ୟ ରାସ୍ତା ଉପରେ ରହିଛି ତା ଦୃଷ୍ଟିରେ କୁଇନ୍ ମିଶନ ହାଇସ୍କୁଲ ଲୋକଲୋଚନ ଅନ୍ତରାଳରେ ରହୁଥିବା ଅନ୍ୟ ଏକ କାରଣ। ଅନ୍ୟପକ୍ଷରେ କରୋନା ମହାମାରୀ କମ ହେଲେ ସ୍ଥିତି ନିଶ୍ଚିତ ସୁଧୁରିବ।


କରୋନା ଗାଇଡ୍ ଲାଇନ୍‌ରେ ଦଶମ ଶ୍ରେଣୀ ପାଠପଢ଼ା।

# ଅନ୍‌ସ୍ଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଗ୍ରହଣ


ବିଜୟଲକ୍ଷ୍ମୀ ପାଣିଗ୍ରାହୀ।

ଛତ୍ରପୁର ୪।୯(ଡି.ଏନ.ଏ. )

ଛତ୍ରପୁର ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଶନିବାର ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ପ୍ରତାପପୁର ସ୍ଥିତ ଆରଟି ବିଦ୍ୟାପୀଠରେ ଶିକ୍ଷୟିତ୍ରୀ ଥିଲେ। ବର୍ତ୍ତମାନ ସେ ପଦୋନ୍ନତି ପାଇ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଯୋଗ ଦେବା ପରେ ବିଦ୍ୟାଳୟର ଶିକ୍ଷକ ବାଉରୀ ବନ୍ଧୁ ପଣ୍ଡା, ଅରୁଣ କୁମାର ମାନସିଂ, ଜଗଦୀଶ ଚନ୍ଦ୍ର ପଲାଇ, ବିଦ୍ୟାଧର ଦାଶ, ଦେବସ୍ମିତା ମହାନ୍ତି, ଅଞ୍ଜନା ଶ୍ରୀ ବାଡତ୍ୟାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଜାଲ ସାର୍ଟିଫିକେଟରେ ଚାକିରି, ୨ ଶିକ୍ଷକଙ୍କ ନାଁରେ ଏତଲା

ଶେରଗଡ଼,୪।୯(ଡି.ଏନ.ଏ.): ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ଦୁଇଟି ବିଦ୍ୟାଳୟରେ ୨ଜଣ ଶିକ୍ଷକ ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଦୁଇ ଶିକ୍ଷକଙ୍କ ବିରୋଧରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଏତଲା ଦିଆଯାଇଛି। ଜାଲ ସାର୍ଟିଫିକେଟଧାରୀ ଶିକ୍ଷକ ହେଲେ ହାଡିଚିରା ବାଲିର ଶିକ୍ଷକ ଭଗବାନ ମହାନ୍ତି ଓ ବନ୍ଧାଗୁଡ଼ା ପ୍ରାଥମିକ ବିଦ୍ୟାଳୟର ସଞ୍ଜୟ ଖଟେଇ। ସେହିପରି ଆଉ ଜଣେ ଶିକ୍ଷୟିତ୍ରୀଙ୍କ ଜାଲ ସାର୍ଟିଫିକେଟର ତଦନ୍ତ ଚାଲିଥିବା ବେଳେ ସମ୍ପୃକ୍ତ ଶିକ୍ଷୟିତ୍ରୀ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

**ସଂକ୍ଷେପରେ**

### ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ

ପାରଳାଖେମୁଣ୍ଡି,୪।୯(ଡି.ଏନ୍.ଏ.): ଓଡିଶା ବାଟାଲିୟନ ଏନସିସି ତରଫରୁ ସ୍ଥାନୀୟ ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟଠାରେ ଫିଟ ଇଣ୍ଡିଆ ପ୍ରିଡମ ରନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାରଳାଖେମୁଣ୍ଡି ଉପଜିଲାପାଳ ଦିଲ୍ଲୀପ କୁମାର ମହାରଣା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ତହସିଲଦାର ଅଚ୍ୟୁତ ଜାନି ଅତିଥି ଭାବେ ଯୋଗ ଦେଇଥିଲେ। ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ବୃସୁକେତୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ବ୍ରହ୍ମପୁର ଏନ୍‌ସିସି ଅଫିସରୁ ଯୋଗଦେଇଥିବା ନାଏବ ସୁବେଦାର କୃଷ୍ଣ ବାହାଦୂର ମଗର ଓ ହାବିଲଦାର ସୁକେସ ସିଂ, ଏନ୍‌ସିସି ଅଫିସର ହରିହର ଦାସ ପ୍ରମୁଖ ସମର ଶିକ୍ଷାର୍ଥୀ ବାହିନୀ ସୁସ୍ଥ ରହିବା ସହ ସୁସ୍ଥ ଭାରତ ଗଠନ ପାଇଁ ଦୈନିକ ଦୌଡିବା ଓ ଏହି କାର୍ଯ୍ୟକ୍ରମକୁ ଜାରିରଖିବା ପାଇଁ ପରାମର୍ଶ ଦେଇଥିଲେ। ମହାରାଜା ଉଚ୍ଚ ବାଳକ ବିଦ୍ୟାଳୟର ଏନ୍‌ସିସି କ୍ୟାଡେରଙ୍କ ସମେତ ଏନ୍‌ସିସି ଅଫିସର ଜଗନ୍ନାଥ ପଟ୍ଟନାୟକ, ଏସ୍‌କେସିଜି କଲେଜ ଏନ୍‌ସିସି ଅଫିସର ଡ ସୁମନ୍ତ କୁମାର ବେହେରା, ବାରଣସି ହାଇସ୍କୁଲ କାଶୀନାଗର ଏନ୍‌ସିସି ଅଫିସର ଭେଙ୍କେଟ ରାଓ ପୋଲକୀ,ଏସ୍‌କେସିଜି ହାଇସ୍କୁଲ ଗୁରାଣ୍ଡିରୁ ଏସ୍ ମନ୍ମଥ ରାଓ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ଦ୍ୱିତୀୟ ଦିନରେ କାର୍ଯ୍ୟବନ୍ଦ, କଲମଛାଡ଼ ଆନ୍ଦୋଳନ

**ଏନଏସି କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ବାଲିଗୁଡା,୪।୯(ଡି.ଏନ୍.ଏ.): ବାଲିଗୁଡ଼ା ଏନ୍‌ଏସି କର୍ମଚାରୀମାନେ ଶନିବାର ଦ୍ୱିତୀୟ ଦିନରେ କାର୍ଯ୍ୟବନ୍ଦ, କଲମଛାଡ ଆନ୍ଦୋଳନ କରି ଧାରଣାରେ ବସିଛନ୍ତି। ଭବାନୀ ଶଙ୍କର ଦୋରାଙ୍କୁ ମରଣାନ୍ତକ ଆକ୍ରମଣକାରୀଙ୍କୁ ଗିରଫ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଏହି ଆନ୍ଦୋଳନ ଯୋଗୁ ଏନ୍‌ଏସିର ସମସ୍ତ କାମ ଦୁଇଦିନ ଧରି ବନ୍ଦ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ କାର୍ଯ୍ୟାଳୟର ମୁକ୍ତା ପ୍ରକୋଷ୍ଠରେ ଏକ ଠିକାଦାରୀ କାର୍ଯ୍ୟକୁ ନେଇ ଏନ୍‌ଏସି କର୍ମଚାରୀ ଭବାନୀଙ୍କ କିଛି ଲୋକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ବସଷ୍ଟାଣ୍ଡ ନିକଟ ରାସ୍ତାରେ ଏନ୍‌ଏସି କର୍ମଚାରୀଙ୍କୁ ଭବାନୀଙ୍କୁ ଯୋଜନା ବଦ୍ଧ ଭାବେ ମରଣାତ୍ମକ ଆକ୍ରମଣ କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେଣୁ ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଅସୁରକ୍ଷିତ ବୋଲି କହିବା ସହ ଆକ୍ରମଣକାରୀଙ୍କୁ ଶୀଘ୍ର ଗିରଫ ଦାବିରେ ସମସ୍ତ କର୍ମଚାରୀମାନେ ଧାରଣାରେ ବସିଥିଲେ। ଉକ୍ତ ଘଟଣାକୁ ଦୁଇଦିନ ବିତିଥିଲେ ମଧ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ଏ ନେଇ ବାଲିଗୁଡା କଂଗ୍ରେସ ତରଫରୁ ନିନ୍ଦା କରାଯାଇଛି। ଯଦୀ ଆକ୍ରମଣକାରୀମାନଙ୍କୁ ପୋଲିସ ଗିରଫ ନ କରେ ତେବେ ଆଗାମୀ ଦିନରେ ବାଲିଗୁଡ଼ାକୁ ଅଚଳ କରିବୁ ବୋଲି କହିଛନ୍ତି। ଏହି ବାବଦରେ ତଦନ୍ତ ଚାଲିଛି ବୋଲି ପୋଲିସ ପ୍ରଶାସନ ତରଫରୁ କୁହାଯାଇଛି।

# ଫାଉଲ ଖେଳି ବିଜେଡି କ୍ଷମତାକୁ ଆସୁଛି

**କ୍ଷମତାରୁ ନ ହଟେଇବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ**



ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟମାନେ।

ଭଞ୍ଜନଗର,୪।୯(ଡି.ଏନ.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜ ଜିଲା ଗଞ୍ଜାମ ଦୁର୍ନୀତିରେ ରାଜ୍ୟରେ ଏକ ନମ୍ବର ହେବ। ଏହି ଜିଲାରୁ ହିଁ ଅଧିକାଂଶ ଲୋକେ କାମ ନ ପାଇ ଗୁଜରାଟ, କେରଳ ଓ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରେ ଲୋକଙ୍କୁ କିଭଳି କର୍ମନିଯୁକ୍ତି ମିଳିବ ସେନେଇ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଭାଜପା ସାଙ୍ଗଠନିକ ସ୍ଥିତି ରାଜ୍ୟରେ ବହୁତ ସୁଦୃଢ଼। ବିଜେଡ଼ିର ସ୍ଥିତି ବହୁତ ଦୁର୍ବଳ। କିନ୍ତୁ ବିଜେଡ଼ି ନିର୍ବାଚନରେ ସଦାବେଳେ ଫାଉଲ ଖେଳି କ୍ଷମତାକୁ ଆସୁଛି। ନିର୍ବାଚନ ସମୟରେ ପ୍ରଶାସନିକ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ବ୍ୟାଙ୍କ ମିତ୍ର ପ୍ରମୁଖଙ୍କୁ ବିଜେଡ଼ି ବ୍ୟବହାର କରି ନିର୍ବାଚନରେ ବିଜୟୀ ହେଉଛି। ରାଜ୍ୟରୁ ବିଜେଡ଼ିକୁ କ୍ଷମତାରୁ ନ ହଟାଇବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ଲଜ୍‌ରେ ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ଏହା କହିଛନ୍ତି। ଏଥିସହ ସେ କହିଥିଲେ, ଆଗକୁ ପଞ୍ଚାୟତ ଏବଂ ପୌର ନିର୍ବାଚନ ହେବ। ଏହାପୂର୍ବରୁ ଭାଜପା ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। ଅଧିକାଂଶ କେନ୍ଦ୍ରୀୟ ଯୋଜନାରେ ଦୁର୍ନୀତି ହୋଇଛି। ଶାସକଦଳର ନେତା ଓ ଅଫିସରମାନେ ଏହି ଦୁର୍ନୀତିରେ ଜଡ଼ିତ ହେଉଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୃତ ବ୍ୟକ୍ତି ଏବଂ ଦାଦନ ଶ୍ରମିକଙ୍କ ନାମରେ ମିଥ୍ୟା ବିଲ୍ କରାଯାଉଛି। ସୋରଡ଼ା ଓ ବୁଗୁଡ଼ା ବ୍ଲକରେ ଏହିଭଳି ଜାଲିଆତି ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୬ରୁ ୭ ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଲେଖାଶ୍ରୀ ଅଭିଯୋଗ କରିଥିଲେ। ବର୍ତ୍ତମାନ କେନ୍ଦ୍ରୀୟ ଟିମ୍ ୫ଟି ଜିଲାର ୯ ବ୍ଲକ ଅନୁଧାନ କରିବା ପରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଗଞ୍ଜାମ ଜିଲାରେ ଗୋଟିଏ ଲୋକଙ୍କୁ ଘର ଉପରେ ଘର କରିବା ପାଇଁ ୨ଥର ଆବାସ ଯୋଜନାରେ ଟଙ୍କା ଦିଆଯାଇଛି। ଭଞ୍ଜନଗର ବ୍ଲକ ଗାଲେରୀ– ବଦାଙ୍ଗି ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇପଡ଼ିଛି। ଟେଣ୍ଡର ନ କରି ଦୋକନା ଗୃହ ପ୍ରଦାନ କରାଯାଇଛି। ଏହିଭଳି ଅନେକ ଦୁର୍ନୀତି ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ହୋଇଛି। ଆଗାମୀ ଦିନରେ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ ବୋଲି ଲେଖାଶ୍ରୀ ଖବରଦାତା ସମ୍ମିଳନୀରେ କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ବିନାୟକ ତ୍ରିପାଠୀ, ମହେଶ ମହାନ୍ତି, ସୁରଥ ବିଶ୍ୱାଳ, ସନ୍ତୋଷ ତିଆଡ଼ି, ପ୍ରଦୀପ ସାହୁ, ବିଷ୍ଣୁ ପ୍ରଧାନ, ସନ୍ତୋଷ ପାଳ, ମନୋଜ ପ୍ରଧାନ, ଜିଲା ସଭାପତି ଗୋକୁଳାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଜେଡ଼ି ଭଞ୍ଜନଗର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗାଲେରୀ –ବଦାଙ୍ଗି ରାସ୍ତା ପାଇଁ ୧୫ କୋଟି ଟଙ୍କା ବ୍ୟୟ କରାଯିବ। ଏନେଇ ଟେଣ୍ଡର ସରିଛି, କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ନିୟମ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଦୋକାନ ଗୃହ ବଣ୍ଟନ କରାଯାଇଛି। ଗଞ୍ଜାମ ଜିଲା ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ଅଗ୍ରଣୀ ଜିଲା। ଭାଜପା ନେତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତିହୀନ। ଭାଜପା ନେତାମାନେ ଦିନ ବେଳେ ଲୋକଙ୍କୁ ଲଣ୍ଠନ ଦେଖାଇ ଭୁଆଁ ବୁଲାଉଛନ୍ତି। ତାହା କେବେବି ସଫଳ ହେବ ନାହିଁ।

# ନିର୍ମାଣ ହେବ ଗୁରୁକୁଳ ଆଶ୍ରମ, ଗୋ – ଶାଳା



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱେଚ୍ଛାସେବୀବୃନ୍ଦ।

ଦିଗପହଣ୍ଡି,୪।୯(ଡି.ଏନ୍.ଏ)

ଦିଗପହଣ୍ଡି ବ୍ଲକ କଇଁଠଖଣ୍ଡି ପଞ୍ଚାୟତ ଘନସିଂ ଗ୍ରାମ ନିକଟରେ ପ୍ରାୟ ୪୦ ଏକର ଜମିରେ ଶୀଘ୍ର ଗୁରୁକୁଳ ଆଶ୍ରମ ଏବଂ ଏକ ବୃହତ ଗୋ– ଶାଳା ନିର୍ମାଣ କରାଯିବ। ଶନିବାର ଉକ୍ତ ଆଶ୍ରମ ଜମିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମର ମୁଖ୍ୟ ବଦ୍ରି ବାବାଜୀ ସ୍ୱାମୀ ଶନିଷ୍ଠା ନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ଲକ ସରପଞ୍ଚ ସଂଘର ସଭାପତି ହରିବନ୍ଧୁ ରେଡ୍ଡୀ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଆଶ୍ରମ ପରିସରରେ ବିଭିନ୍ନ କିସମର ପ୍ରାୟ ୪ ହଜାର ଆମ୍ବ, ପଣସ, ସିତାଫଳ ସମେତ ଔଷଧୀୟ ଚାରା ରୋପଣ କରାଯିବ। ଏହି ଗୁରୁକୁଳରେ ଅନାଥ ପିଲାମାନଙ୍କୁ ଥଇଥାନ କରାଯିବା ସହ ଶିକ୍ଷାଦାନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଆଶ୍ରମ ମୁଖ୍ୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପି.ମହେଶ୍ୱର ପାତ୍ର, ସୁଦର୍ଶନ ସୁଆର, ସୁଧିର କାନ୍ତ ପାତ୍ର ପବିତ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବମକୋଇ ଓ ଘନସିଂ ଗ୍ରାମର ଯୁବ ସ୍ୱେଚ୍ଛାସେବୀ ବୃନ୍ଦ ପରିଚାଳନା କରିଥିଲେ।

## ୟୁସିପି ଇଞ୍ଜିନିୟରିଂ ସ୍କୁଲ ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍




କାର୍ଯ୍ୟକ୍ରମରେ ଏନ୍‌ସିସି ଅଧିକାରୀ ଓ ସ୍କୁଲ କର୍ତ୍ତୃପକ୍ଷ।

ବ୍ରହ୍ମପୁର ଅଫିସ୍,୪।୯

ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ (ୟୁସିପି) ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଶନିବାର ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆସୋସିଏଟ୍ ଏନ୍‌ସିସି ଅଫିସର୍ କ୍ୟାପଟେନ୍ ଏସ୍.ଏସ୍.ରାଜ ପରିଚାଳନା କରିଥିଲେ। ଏହି ଅବସରରେ ଇଞ୍ଜିନିୟରିଂ ସ୍କୁଲ ଛକଠାରୁ ଆଙ୍କୁଲି ଓଭରବ୍ରିଜ୍ ଦେଇ ଲାଞ୍ଜିପଲୀ ଛକ ପର୍ଯ୍ୟନ୍ତ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ ଜଣ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ। ୟୁସିପି ଇଞ୍ଜିନିୟରିଂ ସ୍କୁଲ ଅଧକ୍ଷ ସୂର୍ଯ୍ୟ ନାରାୟଣ ଧର ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକୁ ସୁନ୍ଦର ଓ ମଜଭୁତ କରିବା ସହ ସ୍ଥିର ମନ ଧାରଣ କରିବାରେ କ୍ରୀଡା ସହାୟକ ହୋଇଥାଏ ବୋଲି ଅଧକ୍ଷ କହିଥିଲେ। ସିଟି ହାଇସ୍କୁଲ ଏନ୍‌ସିସି ମୁଖ୍ୟ ଅଫିସର୍ ଗୋପାଳକୃଷ୍ଣ ମିଶ୍ରଙ୍କ ସମେତ ୯ ଜଣ ଆସୋସିଏଟ୍ ଏନ୍‌ସିସି ଅଧିକାରୀ, ୩ ମିଲିଟାରୀ ସଦସ୍ୟ ଓ ୧୨ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## ଇ-ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ

ବୁଗୁଡ଼ା, ୪।୯(ଡି.ଏନ.ଏ): କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଯୋଜନାରେ ସହରାଞ୍ଚଳର ସ୍ୱଚ୍ଛତା ଓ ପରିମଳ ପରିଚାଳନା କ୍ଷେତ୍ରରେ ସଂସ୍କାରମୂଳକ ଓ ବହୁ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସହରକୁ ଆବର୍ଜନା ଓ ପ୍ରଦୂଷଣ ମୁକ୍ତ, ସୁନ୍ଦର ଓ ଉତ୍ତମ ପରିବେଶର ଆବଶ୍ୟକତା ପାଇଁ ସ୍ଥାନୀୟ ଏନ୍‌ଏସି ପକ୍ଷରୁ କ୍ରମାଗତ ଭାବେ ବହୁ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ରାସ୍ତାଘାଟ ସଫେଇ ଠାରୁ ସାହି ଗଳିରୁ ନିୟମିତ ଭାବେ ଓଦା ଓ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ପ୍ରକ୍ରିୟା ଜାରି ରହିଥିଲା ବେଳେ ଏବେ ଆଉ ଏକ ନୂତନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ପ୍ରତ୍ୟେକ ଶନିବାର ଇବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ ହେଉଛି। ମୁଖ୍ୟତଃ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଆବାସିକ ଗୃହ ଗୁଡ଼ିକରେ ଅଦରକାରୀ ହୋଇ ପଡିଥିବା ଇଲେକ୍ଟ୍ରୋନିକ ସାମଗ୍ରୀକୁ ଏଣେତେଣେ ନ ଫୋପାଡ଼ି ସପ୍ତାହର ପ୍ରତି ଶନିବାର ସଫେଇ ଗାଡିରେ ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି।

## ଏଲ୍‌ଆଇସି ଅଭିକର୍ତ୍ତା ସଂଘ ବାର୍ଷିକ ଅଧିବେଶନ

ବ୍ରହ୍ମପୁର ଅଫିସ,୪।୯

ଭାରତୀୟ ଜୀବନ ବୀମା ନିଗମ ବ୍ରହ୍ମପୁର ଶାଖା ନଂ–୧ ଅଭିକର୍ତ୍ତା ସଂଘର ବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୀମାଧାରୀଙ୍କୁ ଉନ୍ନତ ସେବା ଯୋଗାଇବାକୁ ଗୁରୁତ୍ୱ ଦିଆଯାଇଛି। ସଂଘକୁ ଅଧିକ ମଜଭୁତ କରିବା ଏବଂ ଅଭିକର୍ତ୍ତାଙ୍କ ମୌଳିକ ଦାବି ପୂରଣ ଲାଗି ଉଦ୍ୟମ କରାଯିବାର ନିଷ୍ପତ୍ତି ନିଆଯାଇଛି। ସଭାପତି ସୁଦର୍ଶନ ମିଶ୍ର ଅଧକ୍ଷତା କରିଥିଲେ। ସମ୍ପାଦକ ସତ୍ୟ ନାରାୟଣ ପାତ୍ର ବିବରଣୀ ପାଠ କରିବା ସହ ବିଭିନ୍ନ ସମସ୍ୟା ନେଇ ଅବଗତ କରାଇଥିଲେ।

ପୂର୍ବ ମଧ କ୍ଷେତ୍ରୀୟ ସମ୍ପାଦକ ପ୍ରତାପ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଯୁଧିଷ୍ଠିର ମଲିକ, ପ୍ରଫୁଲ୍ଲ କୁମାର ଦଳାଇ, ଆନନ୍ଦ ରାଓ ସୁବୁଦ୍ଧି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅଶ୍ୱିନୀ ତ୍ରିପାଠୀ, ଶଶିଭୂଷଣ ପଟ୍ଟନାୟକ, ଗଣେଶ ମଲାଣ, ଶିବ ଦଳାଇ, ଦେବେନ୍ଦ୍ର ପାତ୍ର, ମଧୁସ୍ମିତା ସାହୁ, ରବି ପ୍ରଧାନ, ଜାଗିଲି ସାହୁ, ପ୍ରସନ୍ନ ଚୌଧୁରୀ, ସୁଧୀର ପଟ୍ଟନାୟକ, ନାଗେଶ୍ୱର ଦୋରା, ସୀମାଞ୍ଚଳ ସାହୁ, ଉମାକାନ୍ତ ପାତ୍ର, ଜଗନ୍ନାଥ ତ୍ରିପାଠୀ, ଚନ୍ଦ୍ରଶେଖର ସ୍ୱାଇଁ, ପ୍ରକାଶ ପରିଡ଼ା ଓ ଅନ୍ୟମାନେ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଏଲଆଇସି ବ୍ରହ୍ମପୁର ସିଟି ଶାଖା ୧ର ନୂଆ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। କାର୍ଯ୍ୟକ୍ରମକୁ କିଶୋର ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ ମିନର୍ଭା ଦାସ ଧନ୍ୟବାଦ ଦେଇଥିଲେ।

## ଚକ୍ଷୁ ଅପରେଶନ ପରେ ଦୃଷ୍ଟିଶକ୍ତି ହରାଇଲେ ଆଇନଜୀବୀ

**ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା**

ଦିଗପହଣ୍ଡି,୪।୯(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ପରିବର୍ଦ୍ଧିତ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଗିରିଜା ନନ୍ଦନ ମେକାପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉପସଭାପତି ପ୍ରିୟରଞ୍ଜନ ପଟ୍ଟନାୟକ ଅଧକ୍ଷତା କରିଥିଲେ। ସଂଘର ସଦସ୍ୟ ତବତିଆ ଡାକୁଆ ଭୁବନେଶ୍ୱରର ସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ନିଜ ଆଖି ଅପରେଶନ କରିବା ପରେ ସମ୍ପୂର୍ଣ୍ଣ ଭାବେ ନିଜର ଦୃଷ୍ଟିଶକ୍ତି ହରାଇଥିବା ନେଇ ସଭାରେ ଆଲୋଚନା କରାଯାଇଥିଲା।



ଦୃଷ୍ଟିଶକ୍ତି ହରାଇଥିବା ଆଇନଜୀବୀ।

ସଂଘର ସଦସ୍ୟ ତବତିଆ ଡାକୁଆ ନିଜେ ସଭାରେ ଉପସ୍ଥିତ ରହି ଏଭଳି ଗୁରୁତର ଅଭିଯୋଗ ଉପସ୍ଥାପନ କରିବା ସହ ସମ୍ପୃକ୍ତ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଅପରେସନ ପରବର୍ତ୍ତୀ ଆନୁଷଙ୍ଗିକ ଅଧିକା ଚିକିତ୍ସା ନେଇ ଅସହଯୋଗ କରାଯାଉଥିବା ମଧ ସେ ସଭାରେ ଅଭିଯୋଗ କରିଥିଲେ। ଓକିଲ ସଂଘ ପକ୍ଷରୁ ଏକ କମିଟି ଗଠନ କରାଯାଇ ଆଇନଜୀବୀଙ୍କ ପକ୍ଷରୁ ଆଗତ ଅଭିଯୋଗର ତଦନ୍ତ ଭିତ୍ତିକ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସଭାରେ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ସହ ଆଇନଜୀବିଙ୍କୁ ଆବଶ୍ୟକ ଅଧିକା ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେବାକୁ ସଂଘ ପକ୍ଷରୁ ରାଜ୍ୟ ଆଇନଜୀବୀ ପରିଷଦକୁ ଅନୁରୋଧ କରାଯିବ ବୋଲି ସଭାରେ କୁହାଯାଇଥିଲା। ସଭାରେ ସଂଘ କର୍ମକର୍ତ୍ତା ସୀମାଞ୍ଚଳ ପ୍ରଧାନ, ରବୀଚନ୍ଦ୍ର ଗୌଡ଼ଙ୍କ ସମେତ ରସାନନ୍ଦ ରାଉତ, ଏ.ସୋମେଶ୍ୱର ରାଓ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ହରପ୍ରସାଦ ରଥ, ନକୁଳ ପ୍ରଧାନ, ରଞ୍ଜନ କୁମାର ବେହେରା, ପ୍ରହ୍ଲାଦ ପ୍ରଧାନ, ସୁକାନ୍ତ ପ୍ରଧାନ, ସନ୍ତୋଷ କୁମାର ସାହୁ, ଗଜାନନ ତ୍ରିପାଠୀ, କିଶୋର ଚନ୍ଦ୍ର ଗୌଡ଼, ବିଜୟ କୁମାର ପ୍ରଧାନ, ମଞ୍ଜୁଳା କୁମାରୀ ଲେଙ୍କା ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ନର୍ସିଂ ଛାତ୍ରୀଙ୍କୁ ଧକ୍କା ଦେଲା ସ୍କୁଟି, ୨ ଗୁରୁତର

ପାରଳାଖେମୁଣ୍ଡି, ୪।୯(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହର ରାଣୀପେଣ୍ଠ– ପଦ୍ମପୁର ରାସ୍ତାରେ ସ୍କୁଟି ଧକ୍କାରେ ନର୍ସିଂ ଛାତ୍ରୀଙ୍କ ସମେତ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗଜପତି ନର୍ସିଂ କଲେଜର ପ୍ରଥମ ବର୍ଷର ଛାତ୍ରୀ ଜୟମତି ଗମାଙ୍ଗ ଓ ସୁବାସ ନଗର ଅଞ୍ଚଳର ଜି.ରାଜୁ। ଛାତ୍ରୀ ଜଣକ କଲେଜ ସାରି ସ୍କୁଟିରେ ମୁଖ୍ୟରାସ୍ତାରେ ଠିଆ ହୋଇଥିବା ବେଳେ ପଛପଟୁ ଜି ରାଜୁଙ୍କ ସ୍କୁଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ବୈଠକ

ଫୁଲବାଣୀ ଅଫିସ, ୪।୯

ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ବୃନ୍ଦା ଡି. ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲ୍ୟ ବିବାହ ବନ୍ଦ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ହେଉଛି ସେମାନଙ୍କୁ ସ୍ୱାବଲମ୍ବୀ କରିବା। ତେଣୁ ସେମାନଙ୍କର ପାଠ ପଢ଼ା ଓ ଦକ୍ଷତା ବୃଦ୍ଧି ପାଇଁ ଅବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ। ଆକ୍ସନ୍ ଏଡ୍ ଏ ଦିଗରେ ଜିଲା ପ୍ରଶାସନକୁ ସବୁବେଳେ ସହଯୋଗ ଦେଇଆସୁଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ସେହିପରି ବାଲ୍ୟବିବାହ ବନ୍ଦ ହୋଇଥିବା ପିଲାମାନଙ୍କୁ ଶୀଘ୍ର ଚିହ୍ନଟ କରାଯାଇ ସେମାନଙ୍କୁ ବିଭିନ୍ନ କୌଶଳ ଭିତିକ କାର୍ଯ୍ୟକ୍ରମରେ ନିୟୋଜିତ କରିବା ନିହାତି ଜରୁରୀ ବୋଲି କହିଥିଲେ। ବାଲିଗୁଡ଼ା ଉପ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଯୋଗଦେଇ ନିଜ ଲୋକଙ୍କ ବିରୋଧରେ ଯାଇ ଗୋଟିଏ ମହତ୍ ଉଦ୍ଦେଶ୍ୟକୁ ପୁରା କରିବା ବାସ୍ତବିକ୍ ଏକ ସାହାସିକତାର ପରିଚୟ ବୋଲି କହିଥିଲେ। ସେହିପରି କନ୍ଧମାଳ ଉପ ଜିଲାପାଳ ଶେଷଦେବ ମିଶ୍ର ଜିଲାର ଏହିଭଳି ଏକ ମହତ୍ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ ଦକ୍ଷତା ବୃଦ୍ଧି ସମ୍ପର୍କୀତ ବିଭିନ୍ନ ତାଲିମ ଉପରେ ଆଲୋଚନା କରିଥିଲେ। ୧୮ ରୁ ୩୫ ବର୍ଷର ଯୁବକ ଯୁବତୀମାନଙ୍କୁ ଏଥିରେ ସାମିଲ କରିବାକୁ କହିଥିଲେ। ଅନ୍ୟମାନଙ୍କ ମଧରେ ଅନ୍ତରଙ୍ଗର ସମ୍ପାଦକ ହୃଷୀକେଶ ପ୍ରଧାନ, ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସମ୍ପାଦିକା ବିଷ୍ଣୁପ୍ରିୟା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ଚାଇଲ୍ଡ଼ଲାଇନ୍ ନିର୍ଦ୍ଦେଶକ ରବୀନ୍ଦ୍ର ପଣ୍ଡା, ସଂଯୋଜିକା ରିତା କାମ୍ପ, ଜିଲା ସୁରକ୍ଷା ଅଧିକାରୀ ଏସ୍. ଗାୟତ୍ରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବୃତ୍ତିରୁ ବଞ୍ଚିତ ପ୍ରତିବାଦରେ ମହିଳା ସଂଘର ସ୍ମାରକପତ୍ର

**ୟୁନିଫର୍ମ ସିଲେଇ ଉପାର୍ଜିତ ଅର୍ଥରୁ ଚଳୁଥିଲା ପରିବାର**

ପାରଳାଖେମୁଣ୍ଡି, ୪।୯(ଡି.ଏନ୍.ଏ.)

ରାୟଗଡ ବ୍ଲକ ଜିରାଙ୍ଗ ବାଙ୍ଗୁସାହି ଗ୍ରାମର ସ୍ୱର୍ଣ୍ଣମୟୀ ମହିଳା ମଣ୍ଡଳ ବିଗତ ଦୀର୍ଘ ୧୫ବର୍ଷ ଧରି ସ୍କୁଲ ୟୁନିଫର୍ମ ସିଲେଇରୁ ଉପାର୍ଜିତ ଅର୍ଥରୁ ପରିବାର ପୋଷଣ କରୁଥିଲେ। ଏହି ବୃତ୍ତିରୁ ମହିଳାଙ୍କୁ ବଞ୍ଚିତ କରାଯିବା ଯୋଗୁ ସେମାନେ ଶନିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ମହିଳା ସଂଘର ସଭାପତି ଓ ସମ୍ପାଦିକାଙ୍କ ନେତୃତ୍ୱରେ ମହିଳା ସଂଘର ସଦସ୍ୟାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ଜଣାଇଛନ୍ତି ଯେ, ୧୫ବର୍ଷ ହେଲା ସ୍ୱର୍ଣ୍ଣମୟୀ ମହିଳା ସଂଘ ତରଫରୁ ମୁକୁନ୍ଦପୁର ଠାରେ ଥିବା ମଙ୍ଗଳ ବିଭାଗ ଅଧୀନରେ ଥିବା ଆଶ୍ରମ ବିଦ୍ୟାଳୟ ଓ ଏସ.କରଡାସିଂ ଗ୍ରାମର ତଦୃପ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସ୍କୁଲ ୟୁନିଫର୍ମ ସିଲେଇ କରି ରୋଜଗାର କରିଆସୁଛୁ। ଅନ୍ୟ କିଛି କାର୍ଯ୍ୟ କରିବା ଆମେମାନେ ଶିଖି ନାହୁଁ। ବର୍ତ୍ତମାନ ହଠାତ ଆମକୁ ୟୁନିଫର୍ମ ସିଲେଇରୁ ବଞ୍ଚିତ କଲେ ପରିବାର କିପରି ଚଳିବ ବୋଲି କହିଛନ୍ତି। ତେଣୁ ଏହି କାମ କରିବା ପାଇଁ ପୁଣି ଅନୁମତି ଦିଆଯାଉ ବୋଲି ସେମାନେ ନିବେଦନ କରିଛନ୍ତି।



ସ୍ମାରକପତ୍ର ଦେବାକୁ ଆସିଥିବା ସ୍ୱର୍ଣ୍ଣମୟୀ ମହିଳା ମଣ୍ଡଳ।

## ମଧବର୍ତ୍ତିକାଳୀନ ଦାୟିତ୍ୱରେ ରହିବେ ଉପଜିଲାପାଳ

**ସିଦ୍ଧଭୈରବୀ ମନ୍ଦିର ପରିଚାଳନା କମିଟି ବିବାଦ**

ଗୋପାଳପୁର,୪।୯(ଡି.ଏନ.ଏ.)

ଗତ ୨୩ ବର୍ଷ ହେଲା ଦକ୍ଷିଣ ଓଡ଼ିଶା ପ୍ରସିଦ୍ଧ ଶକ୍ତିପୀଠ ସିଦ୍ଧଭୈରବୀ ମନ୍ଦିର ପରିଚାଳନା କମିଟି ଓ ମାଳିମାନଙ୍କ ମଧରେ ବାଦବିବାଦ ଲାଗି ରହିଥିଲା। ପରିଚାଳନା ଟ୍ରଷ୍ଟିକୁ ନେଇ ଉଭୟଙ୍କ ମଧରେ ଗଣ୍ଡଗୋଳ ମାମଲା କୋର୍ଟରେ ପହଞ୍ଚିଥିଲା। ଗତ ୧୫ ବର୍ଷ ଧରି ମନ୍ଦିର ପରିଚାଳନା ଆୟବ୍ୟୟ ଠିକ୍ ଭାବେ ହେଉ ନ ଥିବା ନେଇ ମାଳିମାନେ ଅଭିଯୋଗ କରିଥିଲେ। ଏହାପରେ ଉକ୍ତ ଘଟଣା ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ୨୦୧୮ରେ ଦେବୋତ୍ତର ଆୟୁକ୍ତଙ୍କ ପକ୍ଷରୁ ଏକ ମଧବର୍ତ୍ତିକାଳୀନ ଟ୍ରଷ୍ଟି ଗଠନ ନିମନ୍ତେ ବ୍ରହ୍ମପୁର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ପରେ ମନ୍ଦିର କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶନାମା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ଜୁଲାଇରେ ମନ୍ଦିର ଉନ୍ନତୀକରଣ ନିମନ୍ତେ ଆଡ଼ପ ମଣ୍ଡପ, ନାମ ମଣ୍ଡପ, ଆନନ୍ଦ ମଣ୍ଡପ ଓ ରୋଷଶାଳ ପରିଚାଳନା କମିଟି ପକ୍ଷରୁ ଭଙ୍ଗା ଯାଇଥିଲା। ଏହାକୁ ବିରୋଧ କରିଥିଲେ ମାଳିମାନେ। ଅଗଷ୍ଟ ୧୮ରେ ଓଡ଼ିଶା ହାଇକୋର୍ଟ ଉକ୍ତ ରହିତାଦେଶକୁ ଉଠାଇ ଦେବା ସହ ଦେବୋତ୍ତର ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ଦିର ଦାୟିତ୍ୱ ହସ୍ତାନ୍ତର ସମ୍ପର୍କରେ ଆଲୋଚନା ପାଇଁ ମନ୍ଦିର ମାଳି ଓ କମିଟି ସଦସ୍ୟ ଶନିବାର ଅପରାହ୍ନ ପ୍ରାୟ ୨.୩୦ରେ ମନ୍ଦିରରେ ଉପସ୍ଥିତ ରହିବା ପାଇଁ ଶୁକ୍ରବାର ଉପଜିଲାପାଳ ନିର୍ଦ୍ଦେଶ ଜାରି କରିଥିଲେ। ଶନିବାର ଅପରାହ୍ନରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିୱାସନ, ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ, କନିଷ୍ଠ ତହସିଲଦାର ତାପସ ରାଉତ, ଦେବୋତ୍ତର ଇନ୍ସପେକ୍ଟର ହେମନ୍ତ କୁମାର ଦାଶଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏହି ଆଲୋଚନା ବେଳେ ମନ୍ଦିର ମାଳିମାନେ ଉପସ୍ଥିତ ଥିବା ବେଳେ ପରିଚାଳନା କମିଟି ସଭାପତି ଓ ସଦସ୍ୟମାନେ ଉପସ୍ଥିତ ନ ଥିଲେ। ଫଳରେ କନିଷ୍ଠ ତହସିଲଦାରଙ୍କ ଜରିଆରେ ସଭାପତିଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାଳିମାନଙ୍କ ନିକଟରେ ଥିବା ସାମଗ୍ରୀଗୁଡ଼ିକୁ ଉପଜିଲାପାଳଙ୍କୁ ହସ୍ତାନ୍ତର କରିଥିଲେ। ଅନ୍ୟପକ୍ଷରେ ହରଡ଼ଙ୍ଗ ଗ୍ରାମବାସୀ ଆମ ଗ୍ରାମର ଇଷ୍ଟଦେବୀ ଭୈରବୀ ହୋଇଥିବାରୁ ଆମେ ମନ୍ଦିର ପରିଚାଳନା ଦାୟିତ୍ୱ ବୁଝିବୁ ବୋଲି କହିଥିଲେ। ଏହାପରେ ଉପଜିଲାପାଳ ସେମାନଙ୍କୁ ବୁଝାଶୁଝା କରିଥିଲେ। ମନ୍ଦିରରେ ଭାଙ୍ଗିଥିବା ଅଂଶ ଓ ଉନ୍ନତୀକରଣ କାର୍ଯ୍ୟ ପ୍ରଶାସନ ଦ୍ୱାରା କରାଯିବ ଏବଂ ସମସ୍ତଙ୍କ ସହମତି ଜରିଆରେ ଉନ୍ନତୀକରଣ କାର୍ଯ୍ୟ ଜାରି ରହିବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ।

